### ବଢୁଛି ଗ୍ରୀଷ୍ମ ପ୍ରବାହ; ଉପୁଜିଲାଣି ପାନୀୟଜଳ ସମସ୍ୟା

# ଭିତ୍ତିଭୂମି ପାଇଁ ବିଭାଗୀୟ ଉଦ୍ୟମ ଶୂନ; ପଡ଼ିରହିଛି ଜଳ ପ୍ରକଳ୍ପ

ବଲାଙ୍ଗିର,୧୮ ।୩(ସମିସ)

ବଲାଙ୍ଗିର ଜିଲ୍ଲାରେ ଗତ କିଛିଦିନ ହେଲା ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି । ଯାହାର ପ୍ରଭାବରେ ନଦୀ ସବୁ ଶୁଖିଲା ପଡ଼ିଥିବାବେଳେ ଗାଁରେ ପୋଖରୀ ପାଣି ମଧ୍ୟ ଶୁଖିବାରେ ବସିଛି । ଏମିତିରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ପାନୀୟ ଜଳ ସମସ୍ୟା ଉତ୍କଟ ହେବାର ଯଥେଷ୍ଟ ସମ୍ଭାବନା ପ୍ରକାଶ ପାଇଛି । ଗତ ପ୍ରାୟ ଦୁଇବର୍ଷ ଭିତରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଏହି ସମସ୍ୟା ନିୟନ୍ତ୍ରଣ ହେବାର କୌଣସି ସୁଯୋଗ ନାହିଁ । ବଲାଙ୍ଗିର ଜିଲ୍ଲାରେ ଥିବା ୩୧୭ ପଞ୍ଚାୟତରେ ପାନୀୟଜଳ ସମସ୍ୟା ଊଣା ଅଧିକେ ରହିଥିବାବେଳେ ଜିଲ୍ଲାରେ ଆରମ୍ଭ ହୋଇଥିବା ମେଗା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ମଧ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଜିଲ୍ଲାରେ ହର ଘର ଜଳ ଯୋଜନା ମଧ୍ୟ ସେତେଟା ସଫଳ ହୋଇ ନ ଥିବାବେଳେ ପାନୀୟ ଜଳ ଯୋଗାଣ ବିଭାଗ ଏହାକୁ ସମାଧାନ କରିବା ଦିଗରେ ବିଫଳ ହୋଇଛି । ବଲାଙ୍ଗିର ଜିଲ୍ଲା ଏକ ଶୁଷ୍କ ଜିଲ୍ଲା ହୋଇଥିବାରୁ ପ୍ରତିବର୍ଷ ଗ୍ରୀଷ୍ମ ପ୍ରବାହ ସହ ପାନୀୟ ଜଳ ସମସ୍ୟା ମଧ୍ୟ ବୃଦ୍ଧି ପାଇଥାଏ । ବର୍ଷକୁ ବର୍ଷ ପାନୀୟଜଳ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଉଥିବା ବିଭାଗ ପକ୍ଷରୁ କୁହାଯାଉଛି ସତ କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବର ଅଭାବ ଯୋଗୁଁ ଏହି ସମସ୍ୟାର ସମାଧାନ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି । ବିଭାଗୀୟ ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲାରେ ଥିବା ୩୧୭ ପଞ୍ଚାୟତରେ ଥିବା ୧୭୫୨ ଟି ରାଜସ୍ୱ ଗ୍ରାମରେ ୩ ଲକ୍ଷ ୯୦ ହଜାର ୩୧ ପରିବାର ରହିଛନ୍ତି । ସମୁଦାୟ ୧୪ ଲକ୍ଷ ୭୩ ହଜାର ୭୬୯ ଜନସଂଖ୍ୟା ଜିଲ୍ଲାର ରହିଛି । ଜିଲ୍ଲାରେ ୭୬୮ ଟି ସୋଲାର ଚାଳିତ ପମ୍ପ ରହିଛି । ଯାହାକି ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ବ୍ଲକ, ପଞ୍ଚାୟତ ଓ ଅନ୍ୟ ସୂତ୍ରରୁ ବ୍ୟବସ୍ଥା କରାଯାଇଛି ।

- ଆଜି ବି ନଳକୂପ ଭରସାରେ ଅନେକ ଗାଁ
- ମେଗା ପାନୀୟଜଳ ଯୋଗାଣ ବ୍ୟବସ୍ଥା ଦିଗହରା

ଏହା ସରକାରୀ ରିପୋର୍ଟ ବାସ୍ତବରେ କିନ୍ତୁ ୫୦ ପ୍ରତିଶତ ଏହିଭଳି ଜଳଯୋଗାଣ ବ୍ୟବସ୍ଥା ଅଚଳହୋଇ ପଡ଼ିରହିଥିବା ଅଭିଯୋଗ ହୋଇଛି । ଏହିଭଳି ବ୍ୟବସ୍ଥା ଛୋଟ ଗାଁ ଓ ପଡାମାନଙ୍କ ପାଇଁ କରାଯାଇଥିବା ବେଳେ ଏହାକୁ ବ୍ୟକ୍ତିଗତ ଭାବେ କିଛି ଲୋକ ହିଁ ବ୍ୟବହାର କରୁଥିବା ମଧ ଦେଖିବାକୁ ମିଳିଛି । ସେହିପରି ଜିଲ୍ଲାରେ ୨୦ ହଜାର ୬୩୬ ଟି ନଳକୂପ ରହିଛି । ଯାହାକି ବିଭିନ୍ନ ସମୟରେ ବିଭାଗ ଦ୍ୱାରା ବ୍ୟବସ୍ଥା କରାଯାଇଛି ଓ ମରାମତି କରାଯାଇଥାଏ । ସରକାରୀ ରିପୋର୍ଟରେ ୨୦ ହଜାରରୁ ଊର୍ଦ୍ଧ୍ୱ ନଳକୂପ ରହିଛି ତାହା ଠିକ କିନ୍ତୁ ପ୍ରାୟ ୩୦ ରୁ ୪୦ ପ୍ରତିଶତ ନଳକୂପ ଅଚଳ ତଥା ତାହାର ପାଣି ବ୍ୟବହାର ଅନୁପଯୋଗୀ ହୋଇରହିଥିବା ଜଣାପଡ଼ିଛି । ଏପରିକି ନଳକୂପ ପାଣି ଉପରେ ଲୋକଙ୍କ ବ୍ୟବହାର ମଧ କମିଯାଇଥିବା ଅଭିଯୋଗ ହୋଇଛି । ସେହିପରି ୮୪୦ ଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ରହିଛି । ୧୭୫୨ ଗାଁ ପାଇଁ ୮୪୨ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଯାହାକି ପଡ଼ା ପଡ଼ାରେ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି । ଏଥିରୁ ବି ଅନେକ ପାନୀୟ ଜଳ ପ୍ରକଳ୍ପ ଟ୍ୟାପରୁ ପାଣି ବାହାରୁ ନଥିବା ଅଭିଯୋଗ ହୋଇଛି । ସେହିପରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉଦ୍ୟମରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଜରିଆରେ ଏସଭିଏସ୍(ସିଙ୍ଗଲ ଭିଲେଜ ସିଷ୍ଟମ) ଓ ଏମଭିଏସ (ମଲ୍ଟି ଭିଲେଜ ସିଷ୍ଟମ) ରେ ପାନୀୟଜଳ ଯୋଗାଣ ହୋଇଥାଏ । ଏସ୍‌ଭିଏସରେ ଛୋଟ ଗାଁ ତଥା ବସତିମାନଙ୍କ ପାଇଁ ପାନୀୟ ଜଳ ଯୋଗାଇ ଦିଆଯାଇଥାଏ । ନଳକୂପ, କୂଅ, ଖୋଲାକୂପରୁ ପାନୀୟ ଜଳ ଯୋଗାଣ ହୋଇଥାଏ । ସେହିପରି ଏମଭିଏସରେ ଅଧିକ ସଂଖ୍ୟକଲୋକଙ୍କ ପାଇଁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇଥାଏ । ଯାହାକି ନଦୀ, ଡ୍ୟାମ, ବଡ ବଡ଼ ଇନ୍‌ଟେକ ୱେଲରୁ ପାନୀୟ ଜଳ ଯୋଗାଣ କରାଯାଇଥାଏ । ପାନୀୟଜଳ ସମସ୍ୟା ଦୂର କରିବାରେ ଏହି ବ୍ୟବସ୍ଥାରେ ଜିଲ୍ଲାରେ ୭୪୧ ଟି ପ୍ରକଳ୍ପ ହାତକୁ ନିଆଯାଇଥିବାବେଳେ ୫୦୫ ଟି ସମ୍ପୂର୍ଣ୍ଣ ହୋଇଛି । ୨୩୬ ଟି ପ୍ରକଳ୍ପ କାମ ଏବେବି ଜାରି ରହିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ସେହିପରି ଜିଲ୍ଲାର ପାନୀୟଜଳ ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ୬ ଟି ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ କିଛି ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା । ଏଥିରେ ଜିଲ୍ଲାର ୧୨ ଟି ବ୍ଲକର ୧୪୨ ଟି ପଞ୍ଚାୟତକୁ ପାଣି ଯୋଗାଣ ଲକ୍ଷ୍ୟ ରଖାଯାଇଥିଲା । ଜିଲ୍ଲା ତଥା ନିକଟସ୍ଥ ବଡ଼ ନଦୀରୁ ପାଣି ଆଣି ଲୋକଙ୍କୁ ଘର ଘର ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଏହି ଯୋଜନା ରେ ୧୪୨ ପଞ୍ଚାୟତର ୭୨୨ ଟି ଗ୍ରାମର ୧ ଲକ୍ଷ ୪୯ ହଜାର ୮୪୯ ପରିବାରକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ଯୋଜନା କରାଯାଇଛି । କିନ୍ତୁ ଦୁର୍ଭାଗ୍ୟ କୌଣସି ବି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଏପରିକି ଏହି ଯୋଜନାରେ ଆସିଥିବା ଟଙ୍କା ମଧ୍ୟ କେନ୍ଦ୍ରସରକାର ଫେରସ୍ତ କରିନେଇଥିବା ଆଲୋଚନା ହେଉଛି । ଅନ୍ୟପକ୍ଷରେ ହରଘର ଜଳଯୋଜନାରେ ୨୪୫ ଗ୍ରାମକୁ ହାତକୁ ନିଆଯାଇଥିବା ବେଳେ ୨୨୪ ଗାଁରେ ସମସ୍ତ ଘରକୁ ଜଳ ପହଞ୍ଚୁଥିବା ବିଭାଗୀୟ ରିପୋର୍ଟରେ ଦର୍ଶାଯାଇଛି କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭାବେ ଭିନ୍ନ ରହିଛି । ଜିଲ୍ଲାରେ ପାଣି ବୁନ୍ଦାଏ ପାଇଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବିଭାଗୀୟ ରିପୋର୍ଟରେ କେବଳ ସଂଖ୍ୟା ଦେଖାଇ ବିଭାଗକୁ ଗୋଲାପି ଚିତ୍ର ଦେଖାଯାଉଥିବା ଅଭିଯୋଗ ହୋଇଛି । ଗତ ଦୁଇବର୍ଷ ଭିତରେ ରାଜ୍ୟ ସରକାର ଏହି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଅଭିଯୋଗ ହୋଇଛି । ସେହିପରି ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାମ କରୁଥିବା ଠିକାଦାରମାନେ ମନମୁଖୀ କାରବାର ଚଳାଇ ପ୍ରକଳ୍ପକୁ ପକାଇ ରଖିଥିବା ବେଳେ ସେମାନଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ନହେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତେବେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

### ■ ମେସିନ କରୁଛି ମନରେଗା କାମ

# ଶ୍ରମିକଙ୍କ ନାଁରେ ଉଠୁଛି ଟଙ୍କା




ସଇଁତଲା,୧୮ ।୩(ସମିସ): ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ୍ ବିବିନା ପଞ୍ଚାୟତ ତେନ୍ତୁଳିପଦର ଗ୍ରାମରେ ମନରେଗା କାମ ଜୋରସୋରରେ ଚାଲିଛି । ଜେସିବିରେ କାମକରି ଠିକାଦାର ମାଲେମାଲ ହେଉଥିବାବେଳେ ଶ୍ରମିକଙ୍କ ନାମରେ ଟଙ୍କା ଉଠୁଛି । ଶ୍ରମିକମାନଙ୍କ ଜମାଖାତାରେ ଟଙ୍କା ପଡ଼ିବା ପରେ ସେମାନଙ୍କ ନିକଟକୁ ଯାଇ ଟଙ୍କା ଉଠାଣ କରି ଦେବାକୁ କହୁଛନ୍ତି । ଯାହାଫଳରେ ଗରିବ ଖଟିଖିଆ ଶ୍ରମିକମାନେ ବାଧ ହୋଇ ବ୍ୟାଙ୍କକୁ ଯାଇ ଟଙ୍କା ଉଠାଇ ଠିକାଦାରଙ୍କ ହାତରେ ଦେଉଛନ୍ତି । କାମ ଚାଲିଛି ହେଲେ ସୂଚନା ଫଳକ ଲଗା ଯାଇନାହିଁ; ଗୋଟିଏ ରାତିରେ ଜେସିବି ଓ ଟ୍ରାକ୍ଟର ଲଗାଇ ରାସ୍ତା ନିର୍ମାଣ ସରିଯାଉଛି । ଏହି କାମରେ ଦୁର୍ନୀତିର ଗନ୍ଧ ଆସୁଥିବାରୁ ଗ୍ରାମବାସୀ ବିଡିଓ ପୁରୁଷୋତ୍ତମ ମିର୍ଦ୍ଧାଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଏହାଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଗଗନ ବିହାରୀ ରଣା, ସରଦିଶ ରଣା, ଲଳିତମୋହନ ସିଂ ଭୋଇ, ଚିତ୍ରସେନ ଭାଟି, ସୀତାରାମ ଭାଟି, ରାତ୍ର ରଣାଙ୍କ ସହ ଶତାଧିକ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# କଣ୍ଟାବାଞ୍ଜି ଷ୍ଟେସନରୁ ୯ କେଜି ଗଞ୍ଜେଇ ଜବତ

କଣ୍ଟାବାଞ୍ଜି,୧୮ ।୩(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ରେଲୱେଷ୍ଟେସନ ଦିନକୁ ଦିନ ଗଞ୍ଜେଇ ଚାଲାଣ ହବ୍ ପାଲଟିଛି । ବୁଧବାର କଣ୍ଟାବାଞ୍ଜି ରେଲୱେ ଷ୍ଟେସନରୁ ଉତ୍ତର ପ୍ରଦେଶରକୁ ଟ୍ରେନରେ ଗଞ୍ଜେଇ ଚାଲାଣ କରିବାକୁ ମାଫିଆ ଷ୍ଟେସନ ପହଞ୍ଚିବାପରେ ପୂର୍ବରୁ ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ କଣ୍ଟାବାଞ୍ଜି ଅବକାରୀ ଏ.ଏସ.ଆଇ ରଶ୍ମିତା ଲାକ୍ରାଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ରେଲୱେ ଷ୍ଟେସନ ରେ ଚଢ଼ଉ କରି ସେଠାରୁ ୯ କେଜି ଗଞ୍ଜେଇ ଜବତ କରିଥିଲେ । ଏଥିରେ ସମ୍ପୃକ୍ତ ମଧ୍ୟପ୍ରଦେଶର କିଶୋର କୁମାର ବିଶ୍ୱକର୍ମା ଓ ଉତ୍ତର ପ୍ରଦେଶ ରାଜ୍ୟର ସଂଜୟ କୁମାରଙ୍କୁ କଣ୍ଟାବାଞ୍ଜି ଅବକାରୀ ପୁଲିସ ଗିରଫ କରିବା ସହ ମାମଲା ରୁଜୁକରି କୋର୍ଟ ଚାଲାଣ କରିଛି । କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ କଣ୍ଟାବାଞ୍ଜି ଜେଲକୁ ପଠାଇ ଦିଆଯାଇଛି ।

# ଡାହାଣୀ ସନ୍ଦେହ ଜନିତ ନିର୍ଯାତନା କର୍ମଶାଳା



ବଲାଙ୍ଗିର,୧୮ ।୩(ସମିସ): ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ତରଫରୁ ସ୍ଥାନୀୟ ମିଶନଶକ୍ତି ଭବନଠାରେ ଡାହାଣୀ ସନ୍ଦେହ ଜନିତ ନିର୍ଯାତନା ବିଷୟରେ ଜିଲ୍ଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଥିଲା । କର୍ମଶାଳାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ପୁଷ୍ପାଞ୍ଜଳି ଶତପଥୀ ସଭାପତିତ୍ୱ କରିଥିଲେ । ପ୍ରଶିକ୍ଷକ ଭାବରେ ଯୁବୋଦୟ ମହାବିଦ୍ୟାଳୟ ଅଧ୍ୟାପକ ସନ୍ଦୀପ କୁଅଁର ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶିବାନୀ ଠାକୁର ମଞ୍ଚାସୀନ ଥିଲେ । ବିଭିନ୍ନ ବ୍ଲକରୁ ଆଶା, ଏଏନ୍‌ଏମ, ଅଙ୍ଗନବାଡ଼ି କର୍ମୀ, କିଶୋରୀ ବାଳିକା, କଲେଜ ଛାତ୍ରୀ ଓ ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସଭାପତି ଶ୍ରୀମତୀ ଶତପଥୀ ମହିଳାଙ୍କୁ ଶିକ୍ଷା ଆହରଣ କରି ସଶକ୍ତ ହେବା ପାଇଁ ପରାମର୍ଶ ଦେଇଥିଲେ ।

# ଜଳୁଛି ବଗବାହାଲ ସଂରକ୍ଷିତ ଜଙ୍ଗଲ



କଣ୍ଟାବାଞ୍ଜି,୧୮ ।୩(ସମିସ): ତୁରେକେଲାରୁ ଗଡ଼ଗଡ଼ବାହାଲ ଯିବା ରାସ୍ତାରେ ଥିବା ବଗବାହାଲ ଜଙ୍ଗଲ ନିଆଁ ଲାଗି ଜଳୁଥିବାବେଳେ ଶୋଇରହିଛି ବନ ବିଭାଗ । ରାଜ୍ୟ ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି କଣ୍ଟାବାଞ୍ଜି ରେଞ୍ଜ ତୁରେକେଲା ସେକ୍ସନ ଅଧୀନରେ ବଗବାହାଲ ସଂରକ୍ଷିତ ଜଙ୍ଗଲରେ ଚାରାରୋପଣ କରାଯାଉଛି । ଏହି ଜଙ୍ଗଲରେ ନିଆଁ ଲାଗି ଅନେକ ମୂଲ୍ୟବାନ ବୃକ୍ଷ ଜଳି ପାଉଁସ ହୋଇଥିବା ବେଳେ ସମ୍ପୃକ୍ତ କର୍ମଚାରୀଙ୍କ ବିଷୟରେ ବନ ବିଭାଗ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ରହିଲା ।

# ସମ୍ବଲପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଲୋଇସିଂହା କଲେଜ ପରିଦର୍ଶନ



ଲୋଇସିଂହା,୧୮ ।୩(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା କଲେଜକୁ ସମ୍ବଲପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ.ମୁରଲୀଧର ମାଝୀ ପରିଦର୍ଶନରେ ଆସି କଲେଜର ସମସ୍ତ ସୁବିଧା ସୁଯୋଗ, କଲେଜ କୋଠା, ଶିକ୍ଷା ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ । ଏହା ସହିତ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ଅନ୍ୟ କର୍ମଚାରୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ । ଏହି ସମୟରେ ସେ ଲାଇବ୍ରେରୀ, ଇ-ଲାଇବ୍ରେରୀକୁ ପରିଦର୍ଶନ କରିଥିଲେ । ସେହିପରି କଲେଜକୁ ନାକ୍ ମାନ୍ୟତା ପାଇଁ କଲେଜ କର୍ତ୍ତୃପକ୍ଷ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ କଲେଜ ଅଧକ୍ଷ ବିଭୁଦେନ୍ଦୁ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଡ.ସନ୍ତୋଷ କୁମାର ମେହେର ଧନ୍ୟବାଦ ଦେଇଥିଲେ ।

# ଶିଶୁବିକାଶ କେନ୍ଦ୍ରର କ୍ରୀଡ଼ା ଉତ୍ସବ



ବଲାଙ୍ଗିର,୧୮ ।୩(ସମିସ): ବଲାଙ୍ଗିର ଜିଲ୍ଲାର ସାମାଜିକ ସ୍ୱେଚ୍ଛାସେବୀ ସଂଗଠନ ଶିଶୁ ବିକାଶ କେନ୍ଦ୍ରର ୪୦ତମ କ୍ରୀଡ଼ା ଉତ୍ସବ ଶିଶୁବିକାଶ କେନ୍ଦ୍ର ଓ ସମାଜସେବୀ ସୋମନାଥ ମିଶ୍ର ସ୍ମୃତି ସମିତିର ମିଳିତ ସହଯୋଗରେ ଚୁଡାପାଲି ନିକଟସ୍ଥ ଭୁଣ୍ଡିମୁହାଣ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି । ଦୁଇଦିନ ଧରି କ୍ରୀଡ଼ା କାର୍ଯ୍ୟକ୍ରମ ହୋଇଥିଲା । ୧୪ଟି ବିଭାଗରେ ଶହେ କୋଡ଼ିଏ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଉଦ୍‌ଯାପନୀ କାର୍ଯର୍‌ୟକ୍ରମ ଶିଶୁ ବିକାଶ କେନ୍ଦ୍ରର ସଭାପତି ମଦନମୋହନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୃସିଂହ ବରିହା ମୁଖ୍ୟ ଅତିଥି, ପୂଜ୍ୟପୂଜା ସେବା ସଂଗଠନର ସଭାପତି ତଥା ସୋମନାଥ ମିଶ୍ର ସ୍ମୃତିସମିତିର ଆବାହକ କେଶବ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ । ବେଦ ପଠନ କରିଥିଲେ ସନ୍ତୋଷିନୀ ନାଏକ ଓ ସ୍ୱାଗତ ସଂଗୀତ ଗାନ କରିଥିଲେ ମୁନମୁନ ମହାନନ୍ଦ, ପୂର୍ଣ୍ଣିମା ଗୁରୁ, ନନ୍ଦିନୀ ମହାନନ୍ଦ ଓ ଜାଗୃତି ବିଶି ଓ ପ୍ରିୟା ରଣା । ସମ୍ପାଦକ ମଧୁ ସାହୁ ପରିଚାଳନା କରିଥିବାବେଳେ ବାର୍ଷିକ କ୍ରୀଡ଼ା ବିବରଣ ପଠନ କରିଥିଲେ କ୍ରୀଡା ସଂପାଦକ ଧିରେନ୍ଦ୍ର ନାରାୟଣ ସିଂହଦେଓ । ସହଯୋଗ କରିଥିଲେ କସ୍ତୁରୀ ରଥ । ଦୀପ୍ତିମୟୀ ମିଶ୍ର, ପ୍ରଶାନ୍ତ ଷଡ଼ଙ୍ଗୀ, ସୁନାଧର ବନ୍‌ଛୋର, ପ୍ରମୋଦ କୁମାର ରଣା, ବିଷ୍ଣୁପ୍ରିୟା ରାଉତ । ସୁରେଶ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

# ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା



ଦେଓଗାଁ,୧୮ ।୩(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ବଡ଼ବନ୍ଧ ପଞ୍ଚାୟତ ମୁଖ୍ୟାଳୟ ସ୍ଥିତ ସ୍ୱପ୍ନେଶ୍ୱର ବାବାଙ୍କ ପୁନଃ ନିର୍ମାଣ ହୋଇଥିବା ମନ୍ଦିରର ପ୍ରତିଷ୍ଠା ଉତ୍ସବପାଇଁ ବୁଧବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସ୍ଥାନୀୟ ବଡ଼ବନ୍ଧରେ ପୂଜାର୍ଚ୍ଚନା କରିବାପରେ ପୂର୍ଣ୍ଣ କଳସ ଧାରଣ କରି ଗ୍ରାମପରିକ୍ରମା କରିଥିଲେ । ପରେ ଯଜ୍ଞ ଓ ପ୍ରହରୀ ମଣ୍ଡପଠାରେ ପରିକ୍ରମା କରି କଳସସ୍ଥାପନ କରିଥିଲେ । ଶୁଶିଲ କୁମାର ଚାନ୍ଦ ଓ ରଶ୍ମୀତା ଚାନ୍ଦ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ୧୯ ତାରିଖରେ ତୁଳସୀ ରାମାୟଣ ଓ ନବାହ ପାରାୟଣ ପଠନ ଆରମ୍ଭ, ୨୦ତାରିଖରେ ଛପନପ୍ରହରୀ ନାମାରମ୍ଭ, ୨୫ତାରିଖରେ ମନ୍ଦିର ପ୍ରତିଷ୍ଠା ଓ ୨୭ ତାରିଖରେ ମନ୍ଦିର କୁମ୍ଭସ୍ଥାପନ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଝରେଇବାହାଲିର ରଘୁନାଥ ମଠର ବଳରାମ ଦାସଜୀ ମହାରାଜଙ୍କ ତତ୍ୱାବଧାନରେ ଚାଲିଥିବା କାର୍ଯ୍ୟକ୍ରମରେ ଆଚାର୍ଯ୍ୟଭାବେ ସୁଦର୍ଶନ ପୁରୋହିତ, ବ୍ୟାସଭାବେ ଭରସୁଜାର ଡ.ମିଳନ କୁମାର ମିଶ୍ର, ଯଜ୍ଞକର୍ତ୍ତା ଭାବେ ଶୁଶୀଲ କୁମାର ଚାନ୍ଦ ଓ ରଶ୍ମୀତା ଚାନ୍ଦ, ପ୍ରହରୀ କର୍ତ୍ତା ଭାବେ ରୂପାଧର ସେଠ ଓ ସବିତା ସେଠ, ପାରାୟଣକର୍ତ୍ତା ଭାବେ ଯୁଗଳକିଶୋର ମେହେର ଓ ପଦ୍ମିନୀ ମେହେର ଦାୟିତ୍ୱ ନିର୍ବାହ କରିବେ ।




### ଘୁନେଶ ଉପସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣରେ ଦୁର୍ନୀତି

# ନିମ୍ନମାନର କାର୍ଯ୍ୟ ଯୋଗୁଁ ଫାଟିଗଲାଣି କାନ୍ଥ

କଣ୍ଟାବାଞ୍ଜି, ତୁରେକେଲା,୧୮ ।୩(ସମିସ): ସରକାର ଗ୍ରାମାଞ୍ଚଳର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ଗ୍ରାମାଞ୍ଚଳରରେ ଉପ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିର୍ମାଣ କରୁଥିବାବେଳେ ସେହି ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି । ଏହିଭଳି ଚିତ୍ର ବଲାଙ୍ଗିର ଜିଲ୍ଲାର ତୁରେକେଲା ବ୍ଲକ୍ ଅଧୀନ ମାଓଅଧ୍ୟୁଷିତ ଘୁନେଶ ଗାଁରୁ ସାମ୍ନାକୁ ଆସିଛି । ଏହି ଅଞ୍ଚଳର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ବଡଡକଲା, ତୁରେକେଲା ଏବଂ କଣ୍ଟାବାଞ୍ଜି ଡାକ୍ତରଖାନାରେ ନିର୍ଭରଶୀଳ ଥିବା ଏମାନଙ୍କୁ ନିଜ ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଘୁନେଶ ଗାଁ ଠାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ( ଉପ ସ୍ୱାସ୍ଥ୍ୟ କେନ୍ଦ୍ର) ଆରମ୍ଭ କରାଯାଇଛି । ଏହା ନୂତନ କୋଠା ନିର୍ମାଣ ପାଇଁ ସରକାରୀ ରାଜକୋଷରୁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଅଧୀନରେ ୪୭ ଲକ୍ଷ ଟଙ୍କା ଖର୍ଚ୍ଚକରି କୋଠା ନିର୍ମାଣ କରାଯାଇଛି । ଏବଂ ଏହି କାମଟି ଠିକାଦାର କଲ୍ୟାଣ ସିପକାଙ୍କ ନାଁରେ ରହିଥିବା ଜଣାପଡ଼ିଛି । କିନ୍ତୁ ଦାୟିତ୍ୱରେ ଥିବା ଠିକାଦାର ଜଣକ ଅତି ନିମ୍ନମାନର କାମ କରିଥିବା ଦେଖିବାକୁ ମିଳିଛି । ନୂଆନିର୍ମାଣ ହୋଇଥିବା ଏହି କୋଠାର କାନ୍ଥରେ ଫାଟ ଦେଖିବାକୁ ମିଳିଛି । କେବଳ ଏତିକି ନୁହେଁ ଏହି କୋଠା ବାହାରେ ଥିବା ଅଧିକାଂଶ ସ୍ଥାନରେ ସିମେଣ୍ଟରେ ତିଆରି ଅତଡ଼ା ଖସୁଥିବା ଦେଖିବାକୁ ମିଳିଛି । ସରକାରୀ ନିୟମ ଅନୁସାରେ ଯେ କୌଣସି ସରକାରୀ ନିର୍ମାଣ କାର୍ଯ୍ୟ ଚାଲିଥିଲେ; ସେଠାରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହି କାମ କରାନ୍ତି କିନ୍ତୁ ଏହି କାମ ଚାଲିବା ସମୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ନଜର ନ ଥିଲା; କାଁ ଭାଁ ଆସିଥିବା ଲୋକେ ଅଭିଯୋଗ କରିଛନ୍ତି । ଏନେଇ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ କନିଷ୍ଠ ଯନ୍ତ୍ରୀ ଦେବଦତ୍ତ ପ୍ରଧାନଙ୍କୁ ପଚାରିବାରୁ ଯଦି ଏହିଭଳି କୋଠାରେ କିଛି ଫାଟ ରହିଛି, ତେବେ ନିର୍ମାଣ କରିଥିବା ଠିକା ସଂସ୍ଥା ସହ କଥା ହୋଇ ତାହା ତୁରନ୍ତ ମରାମତି କରାଯିବ ବୋଲି ସେ କହିଛନ୍ତି । କେବଳ ମରାମତିକଲେ ଦୁର୍ନୀତି ଲୁଚିଯିବ ତାହାନୁହେଁ; ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।





## ପ୍ରୀତମ ପଣ୍ଡାଙ୍କ ପି.ଏଚ୍.ଡି ଲାଭ



ବାରିପଦାର ଶ୍ରୀ ପ୍ରୀତମ ପଣ୍ଡା , ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ବାଇଗଣବାଡିଆର ବି.ବି.କଲେଜ, ବାଣିଜ୍ୟ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ସନ୍ଦୀପ କୁମାର ପଟ୍ଟନାୟକ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର( ବିଜନେସ୍ ଆଡମିନିଷ୍ଟ୍ରେସନ) ବିଭାଗ ର ମୁଖ୍ୟ ଡ଼. ସୀତାରାମ ଦାସଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । । ଶ୍ରୀ ପ୍ରୀତମ ପଣ୍ଡାଙ୍କ ସନ୍ଦର୍ଭ "SELF-HELP-GROUPS as a strategy of poverty alleviation : A Study on Mayurbhanj District in Odisha" ଉଚ୍ଚପ୍ରଶଂସିତ ହୋଇଛି । ସେ ବାରିପଦା ସହରର ଶ୍ରୀମତୀ ଅଞ୍ଜଳୀ ପଣ୍ଡା ଏବଂ ଶ୍ରୀ ଲକ୍ଷ୍ମୀକାନ୍ତ ପଣ୍ଡା ଙ୍କ କନିଷ୍ଠ ପୁତ୍ର ଅଟନ୍ତି । ତାଙ୍କର ପତ୍ନୀ ଜୟଶ୍ରୀ ମିଶ୍ର ଓ କନ୍ୟା ପି.ପ୍ରାଣଭୀ ପ୍ରିୟାନଶୀ ମଧ ଖୁସି ବ୍ୟକ୍ତ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କୁ ସହଯୋଗ କରିଥିବା ପ୍ରତେକ ବ୍ୟକ୍ତିବିଶେଷଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଗୋଷ୍ଠୀ ସହଭାଗିତା ବିନା ସ୍ୱାସ୍ଥ୍ୟସେବାର ସଫଳତା ସମ୍ଭବ ନୁହେଁ

ତରଭା,୧୮ ।୩(ସମିସ)




## ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମ୍ମିଳନୀ

ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀ ସହଭାଗିତାକୁ ଆହୁରି ସୁଦୃଢ କରିବା ଉଦ୍ଦେଶ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସୋନପୁର ଟାଉନହଲରେ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ-୨୦୨୫-୨୬ ଜିଲ୍ଲାପାଳ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରଣୀ ଦାସ, ଉପଜିଲ୍ଲାପାଳ ସୌମ୍ୟରୂପା ରଥ, ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ରୁଷି ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ସମ୍ମିଳନୀରେ କିପରି ଅବହେଳିତ ଓ ଅପହଞ୍ଚ ଗୋଷ୍ଠୀକୁ ସ୍ୱାସ୍ଥ୍ୟସେବା ସହିତ ଯୋଡିବା ଓ ଜନସ୍ୱାସ୍ଥ୍ୟରେ ସଚେତନତା ବୃଦ୍ଧି କରିବା ପ୍ରଧାନଲକ୍ଷ୍ୟ ରହିବ ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା ।

ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ ଆଶା କର୍ମୀମାନେ ଦୀର୍ଘ ୨୦ ବର୍ଷ ଧରି ଗୋଷ୍ଠୀ ସହଭାଗିତାର ସାରଥୀ ଭାବେ କାମ କରି ଜିଲ୍ଲାରେ ପୋଲିଓ ନିରାକରଣ, ମ୍ୟାଲେରିଆ ନିୟନ୍ତ୍ରଣ ଓ କୋଭିଡ ପରିଚାଳନାରେ ମାଇଲଖୁଣ୍ଟ ସୃଷ୍ଟି କରିଛନ୍ତି । ଗର୍ଭବତୀ ଓ ପ୍ରସୂତି ସେବା, ଟୀକାକରଣ ଏବଂ ମମତା ଦିବସରେ ମଧ୍ୟ ତାଙ୍କର ଭୂମିକାକୁ ପ୍ରଶଂସା କରାଯାଇଥିଲା । ସୂଚନା ଯେ ବର୍ତ୍ତମାନ ଜିଲ୍ଲାରେ ୬୪୧ ଜଣ ଆଶା କାର୍ଯ୍ୟରତ ଥିବାବେଳେ ୬୮୫ଟି ଗାଁ କଲ୍ୟାଣ ସମିତି ଗ୍ରାମୀଣ ସ୍ୱାସ୍ଥ୍ୟ, ପରିମଳ ଓ ପୁଷ୍ଟି ଓ ପୋଷଣ କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ସକ୍ରିୟ ଭୂମିକା ନେଉଛନ୍ତି । ଏହାସହ ୨ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଜନ ଆରୋଗ୍ୟ ସମିତି ଓ ସୋନପୁର ସହରରେ ୧୪ଟି ମହିଳା ଆରୋଗ୍ୟ ସମିତି ସଚେତନତା ସୃଷ୍ଟିରେ ଅଗ୍ରଣୀ ରହିଛନ୍ତି । ଗୋଷ୍ଠୀ ସହଭାଗିତା ବିନା ସ୍ୱାସ୍ଥ୍ୟ ସେବାର ସଫଳତା ସମ୍ଭବ ନୁହେଁ ବୋଲି ଜିଲ୍ଲାପାଳ ଡ଼. ସାହୁ କହିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀମତୀ ଦାସ ଆଶା ଓ ଗାଁ ସମିତି ମାନଙ୍କର ସକ୍ରିୟତା ଦ୍ୱାରା ମାତୃ ଓ ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି ଆସିଛି ବୋଲି କହିଥିଲେ । ସମ୍ମିଳନୀରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଆଶା କର୍ମୀ, ବିଭିନ୍ନ ସମିତି, ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତରମାନଙ୍କୁ ସମ୍ମାନିତ କରାଯାଇଥିଲା ।

## ୯ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ; ମାଫିଆ ଫେରାର



କନ୍ଧମାଳ,୧୮ ।୩(ସମିସ): ଲମ୍ବସରି ପଞ୍ଚାୟତ ମାଲାଙ୍ଗି ଫରେଷ୍ଟ ଜଙ୍ଗଲରେ ଚୋରା ଚାଲାଣ କରିବା ପାଇଁ ଉଦ୍ୟମ କରୁଥିବା ସମୟରେ କନ୍ଧମାଳ ପୁଲିସ ବିଶ୍ୱସ୍ତ ସୂଚନା ପାଇ ଚଢ଼ଉ ୯ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି । ପୁଲିସକୁ ଦେଖି ମାଫିଆମାନେ ଫେରାର ହୋଇଯାଇଛନ୍ତି । ମାଜିଷ୍ଟ୍ରେଟ୍ କନକ ମାଝୀଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯିବାପରେ ତାହା ୯ କୁଇଣ୍ଟାଲ ବୋଲି ଜଣାପଡ଼ିଛି । ଏଥିରେ ଏସ୍ଆଇ ପ୍ରକାଶ ଭୋଇ, ହାବିଲଦାର ମାନସ ପ୍ରଧାନ, ହୋମ୍‌ଗାର୍ଡ ଓ ଆଇଆରବି ଫୋର୍ସ ସାମିଲ ଥିବା କନ୍ଧମାଳ ଥାନା ଅଧିକାରୀ ଶ୍ରୀ ଭୋଇ ସୂଚନା ଦେଇଛନ୍ତି ।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ; ଜଣେ ଆହତ

ବିନିକା,୧୮ ।୩(ସମିସ): ବିନିକା -ଏସ୍ ରାମପୁର ମୁଖ୍ୟରାସ୍ତାରେ ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ଆଉ ଜଣେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ସୂଚନାମୁତାବକ ବିନିକା ବ୍ଲକ୍ ସିଂହିଜୁବା ଗ୍ରାମର ତ୍ରିପୁରା ବାଗ(୫୫) ଓ ତାଙ୍କର ସାଥୀ ପ୍ରଭାତ ସିଂ ବାଇକରେ କୌଣସି କାମରେ ତହସିଲ ଅଫିସରୁ କାମ ସାରି ବିନିକା - ଏସ୍ ରାମପୁର ମୁଖ୍ୟ ରାସ୍ତାରେ ଫେରୁଥିଲେ । ଜାମପାଲି ଛକସ୍ଥିତ ମାଆ ମାହେଶ୍ୱରୀ କଲେଜ ସମ୍ମୁଖରେ ତାଙ୍କ ପଛପଟୁ ଆସୁଥିବା ଟ୍ରକ୍ ଧକ୍କା ଦେଇଥିଲା । ବାଇକ୍‌ରେ ଥିବା ତ୍ରିପୁରା ବାଗ ଓ ପ୍ରଭାତ ସିଂ ଗୁରୁତର ଆହତ ହୋଇ ଛିଟିକି ପଡ଼ିଥିଲେ । ଘଟଣାପରେ ବିଲରେ କାମ କରୁଥିବାଲୋକେ ଆହତଙ୍କୁ ଉଦ୍ଧାରକରି ଡୁଙ୍ଗୁରିପାଲି ଡାକ୍ତରଖାନାକୁ ପଠାଇଥିଲେ । ହେଲେ ଚିକିତ୍ସାଧୀନ ଅବସ୍ଥାରେ ତ୍ରିପୁରାରୀଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟଆହତ ବ୍ୟକ୍ତି ପ୍ରଭାତ ସିଂ ବରପାଲି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଟ୍ରକ୍‌ଟି ଖୋର୍ଦ୍ଧାରୁ ରାସନ ସାମଗ୍ରୀ ଧରି ଆସୁଥିଲା । ଘଟଣାସ୍ଥଳରେ ବିନିକା ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି ।

## ମଦ୍ୟପଙ୍କ ଗୁଳି ମାଡ଼ରେ ଯୁବକ ଗୁରୁତର

ଜହ୍ନାପଙ୍କ,୧୮ ।୩(ସମିସ): ବୌଦ୍ଧ ଥାନା ବଘିଆପଡ଼ା ଫାଣ୍ଡି ଅଧୀନ ଚରିଆପାଳି ଗ୍ରାମରେ ଜଣେ ମଦ୍ୟପଙ୍କ ଗୁଳି ମାଡ଼ରେ ଜଣେ ଯୁବକ ଗୁରତର ଆହତ ହୋଇଥିବା ଜଣାପଡ଼ିଛି । ଚାରିଆପାଳି ଗ୍ରାମର ମିଥୁନ ମଲିକ ଗ୍ରାମରେ ଏକ ବିବାହ ଭୋଜି ପାଇଁ ୧୨ ଜଣ ଯୁବକ ମିଶି ରନ୍ଧାବଢ଼ା କରୁଥିଲେ । ଗ୍ରାମ ଭୋଜିରେ କେହି ମଦ ପିଇ ଭୋଜି କାର୍ଯ୍ୟକୁ ନ ଆସିବାକୁ ବାରଣ କରାଯାଇଥିଲା । ହେଲେ ଗ୍ରାମର ଏକାଦଶୀ ମଲିକ ନାମକ ଏକ ଯୁବକ ମଦ୍ୟପାନ କରି ଭୋଜିସ୍ଥଳକୁ ଆସି ଗାଳି କରିଥିଲା । ଏଥିରେ ଉଭୟ ଯୁବକ ମନା କରିବାରୁ ବହୁତ ପାଟିତୁଣ୍ଡ କରିଥିଲା । ଏହାପରେ ମିଥୁନ ମଦ ପିଇ ଆସିଛୁ ଭୋଜି ଜାଗାରୁ ପଳା କହିବାରୁ ତୋତେ ଦେଖିନେବି ବୋଲି ଧମକ ଦେଲା । ଏହାପରେ ଘରକୁ ଯାଇ ଏକ ବନ୍ଧୁକ ଆଣି ମିଥୁନ ପାଖକୁ ଯାଇ ଗୁଳି କରିବାରୁ ମିଥୁନଙ୍କ ବାମ ହାତରେ ତିନିଟା ଗୁଳି ବାଜିଲା । ସେଠାରେ ଥିବା ଲୋକମାନେ ଏକାଦଶୀ ଠାରୁ ବନ୍ଧୁକ ଛଡାଇ ବାନ୍ଧିରଖି ବୌଦ୍ଧ ପୁଲିସ ଜିମା ଦେଇଥିଲେ । ଏହାପରେ ଚିକିତ୍ସା ପାଇଁ ମିଥୁନକୁ ବୌଦ୍ଧ ଡାକ୍ତରଖାନା ନିଆଯାଇ ଚିକିତ୍ସା କରାଗଲା । ବୌଦ୍ଧ ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି ।

## ୨୧ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ତରଭା,୧୮ ।୩(ସମିସ): ଗଞ୍ଜେଇ ଚୋରାଚାଲାଣ କରୁଥିବା ଜଣେ ଯୁବକକୁ ତରଭା ପୁଲିସ ଧରି ତାନିକଟରୁ ୨୧ କେଜି ୨୨୮ ଗ୍ରାମ ଗଞ୍ଜେଇ ଜବତ କରିଛି । ଆଇଆଇସି ଅନିତା କିଡୋଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ବିନିକା ଥାନା ଅଧୀନ କାଉଡ଼ିଆ ମୁଣ୍ଡାର ଅଜିତ ନାଗ(୨୭) କନ୍ଧମାଳ ପଟରୁ ବାଇକ୍‌ରେ ବନ୍ଧକେଡା ଛକ ରାମଇ ପାହାଡ ନିକଟରେ ପାଟ୍ରୋଲିଂ କରୁଥିବା ଏସଆଇ ପ୍ରେମରାଜ ସାହୁ, ଏଏସଆଇ ବିଭୁଦେନ୍ଦ୍ର ବରାଡ଼, ହାବିଲଦାର ଶତ୍ରୁଘ୍ନ ମେହେରଙ୍କ ହାବୁଡ଼ରେ ପଡ଼ିଥିଲା । ପୁଲିସ ବାଇକ୍‌କୁ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ବାହାରିଥିଲା । ଏନେଇ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଏସ୍ଆଇ ପ୍ରସନ୍‌ଜିତ ବେହେରା ତଦନ୍ତ କରୁଛନ୍ତି ।



## କାର୍ଯ୍ୟରେ ନିୟୋଜିତ ୩ ନାବାଳକ ଉଦ୍ଧାର

ବୌଦ୍ଧ,୧୮ ।୩(ସମିସ): ସରସରା ନିକଟ ବୌଦ୍ଧ ରେଳ ଷ୍ଟେସନ ନିକଟରେ ଚାଲିଥିବା ନିର୍ମାଣ କାମରେ ଶ୍ରମିକ ଭାବେ କାର୍ଯ୍ୟରତ ୩ ନାବାଳକଙ୍କୁ ଉଦ୍ଧାର କରିଛି ଚାଇଲ୍ଡ଼ ହେଲ୍ପ ଲାଇନ । ସୂଚନା ଅନୁଯାୟୀ ସ୍ଥାନୀୟ ଲୋକଙ୍କ ନିକଟରୁ ଅଭିଯୋଗ ପାଇ ଚାଇଲ୍ଡହେଲ୍ପ ଲାଇନର କର୍ମକର୍ତ୍ତା ଚଢ଼ଉ କରିଥିଲେ । ଉଦ୍ଧାର ହୋଇଥିବା ୩ ନାବାଳକଙ୍କ ବୟସ ୧୭ ବର୍ଷ ହୋଇଥିବାବେଳେ ସମସ୍ତେ ମଧ୍ୟପ୍ରଦେଶ ରାଜ୍ୟର ବୋଲି ସୂଚନା ମିଳିଛି । ଚଢ଼ଉରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ବିନୋଦ କୁମାର ସାହୁ, କାଉନସେଲର ଘନଶ୍ୟାମ ସାହୁ, ସୁପରଭାଇଜର୍ ସ୍ମୃତି ରେଖା ପଟ୍ଟନାୟକ ଓ ଦେବାଶିଷ ଖଟୁଆ, କେସ୍ ୱାରକର୍ ମନୋଜ ସେଠୀ ସାମିଲ ହୋଇଥିଲେ ।



## ରଥଯାତ୍ରା ପାଇଁ କାଠ କଟା ଆରମ୍ଭ

ହରଭଙ୍ଗା,୧୮ ।୩(ସମିସ): ବୌଦ୍ଧ ଜିଲ୍ଲାରୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ କଟା କାର୍ଯ୍ୟ ଆରମ୍ଭ ହୋଇଛି । ମାଧପୁର ରେଞ୍ଜ ଅଧୀନ ମୁଣ୍ଡେଶ୍ୱର ଜଙ୍ଗଲରେ ପୂଜାର୍ଚ୍ଚନା କରି ଅସନ, ଧଉରା, ଫାସୀ ଓ ଶିମିଳି ପରି ମୂଲ୍ୟବାନ କାଠ କଟା ଆରମ୍ଭ କରାଯାଇଛି । ବୌଦ୍ଧ ଡିଏଫଓ ରାଜେନ୍ଦ୍ର ଗୋଛାୟତ, ମାଧପୁର ରେଞ୍ଜ ଅଧିକାରୀ ଆସିକ ଡିଗାଲ, ବାରିଙ୍ଗ ବିଟର ଫରେଷ୍ଟଗାର୍ଡ ବୀଣାପାଣି ଖଟୁଆ ଓ ବାରିଙ୍ଗ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ଥିଲେ । ବୌଦ୍ଧ ଜିଲ୍ଲାର ପାଞ୍ଚଟି ରେଞ୍ଜମାଧପୁର, ପୁରୁଣା କଟକ, ବୌଦ୍ଧ, ମନମୁଣ୍ଡା ଓ କନ୍ଧମାଳରୁ ମୋଟ ୨୦୦ ଖଣ୍ଡ ରଥକାଠ ପୁରୀକୁ ପଠାଯିବ । ଏଥିରୁ ମାଧପୁର ରେଞ୍ଜରୁ ପ୍ରାୟ ୫୦ ଖଣ୍ଡ ଅସନ ଓ ଧଉରା କାଠ ଯୋଗାଣ ହେବ ।



## ଗ୍ୟାସ୍ ଅଭାବ ନେଇ ଜିଲ୍ଲା କଂଗ୍ରେସର ବିକ୍ଷୋଭ



ବୌଦ୍ଧ,୧୮ ।୩(ସମିସ): ବୌଦ୍ଧ ଜିଲ୍ଲାରେ ଏଲପିଜି ବା ରନ୍ଧନ ଗ୍ୟାସକୁ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥା ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ବିନ୍ଧ୍ୟାବିନୀ ସାହୁଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ସର୍କିଟ ହାଉସ ସମ୍ମୁଖରୁ ଖାଲି ଗ୍ୟାସ୍ ସିଲିଣ୍ଡର, ଜାଳ କାଠ ବିଡ଼ା ଓ ବାସନ ଧରି ବିଭିନ୍ନ ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ଜିଲ୍ଲା କଂଗ୍ରେସ ସଭାପତି ବିନ୍ଧ୍ୟାବିନୀ ସାହୁଙ୍କ ସମେତ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଜିଲ୍ଲାରେ ରନ୍ଧନ ଗ୍ୟାସର ସଙ୍କଟ ଯୋଗୁଁ ଲୋକେ ହଇରାଣ ହେଉଥିବା ଅଭିଯୋଗ କରିଥିଲେ । ବରିଷ୍ଠ କଂଗ୍ରେସ ନେତା ସଞ୍ଜୀବ ଦେଓ, ସୁଶାନ୍ତ ମଲ୍ଲିକ, ବିଜନ ବାରିକ, ପ୍ରମିଳ ସେଠୀ, ସୁରେନ୍ଦ୍ର ସାହୁ, ଜାମିନୀ ବେହେରା, ଉଦ୍ଧବ ବେହେରା, ପ୍ରଦୀପ ବେହେରା, ସିତୁ ରଞ୍ଜନ ନାଏକ ଓ ଅନ୍ୟମାନେ ଏଥିରେ ସାମିଲ୍ ହୋଇଥିଲେ ।

## ନବମ ମାଲେଶ୍ରୀ ମହୋତ୍ସବ ପାଇଁ ପ୍ରସ୍ତୁତି

ବୀରମହାରାଜପୁର,୧୮ ।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ଆସନ୍ତା ୨୦ତାରିଖରୁ ୨୩ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମାଲେଶ୍ରୀ ଲୋକମହୋତ୍ସବ ପାଇଁ ଆଜି ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେରଙ୍କ ନେତୃତ୍ୱରେ ମୈତ୍ରୀ ସଦନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ହେବାକୁ ଥିବା ମାଲେଶ୍ରୀ ଲୋକ ମହୋସବ ପାଇଁ ଆସୁଥିବା କଳାକାରମାନଙ୍କ ପାଇଁ ନାମ ପଞ୍ଜିକରଣ, ରହିବା, ଖାଇବା, ସମ୍ବର୍ଦ୍ଧନା ଆଦ ପାଇଁ ଦାୟିତ୍ୱରେ ଥିବା ସମସ୍ତ ସଦସ୍ୟ ମାଲେଶ୍ରୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସହଯୋଗ କରିବା ପାଇଁ ମତପ୍ରକାଶ କରିଥିଲେ । ୨୦ ତାରିଖ ଦିନ ମଲେଶ୍ରୀ ମହୋତ୍ସବର ଏକ ବିରାଟ ଶୋଭଯାତ୍ରା ବୀରମହାରାଜପୁର ଜଗନ୍ନାଥ୍ ମନ୍ଦିରରୁ ବହାରି ପ୍ରଭୁ ଜଗନ୍ନାଥ, ବାବା ଚମ୍ପେଶ୍ୱର, ମା ମେଟାକାନି, ପାତାଳୀ ଶ୍ରୀକ୍ଷେତ୍ର କୋଟ ସମଲେଇ ପ୍ରଭୁ ଜଗନ୍ନାଥଙ୍କ ଆଜ୍ଞାମାଳ ଆଣି ମଲେଶ୍ରୀ ମଣ୍ଡପରେ ସ୍ଥାପନ କରାଯିବ । ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶୀ, ସମ୍ବଲପୁରୀ, ଦଣ୍ଡ, ଘୁଡକା ନାଚ, ଭଜନ, ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସ୍ଥିର କରାଯାଇଛି । ଚଳିତବର୍ଷ ମାଲେଶ୍ରୀ ସମ୍ମାନରେ ରାମାୟଣ କଳାକାର ଖତୁ ପ୍ରସାଦ ହୋତାଙ୍କୁ ସମ୍ମାନ କରାଯିବ ବୋଲି କମିଟି ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆ ଯାଇଛି । ବୈଠକରେ କମିଟି ସଭପତି ତଥା ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେର, ଉପଖଣ୍ଡ ପୁଲିସ୍ ଅଧିକାରୀ ହେମନ୍ତ ରାଓ, ନାରାୟଣ ଲୁହା, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ଅତିରିକ୍ତ ଉପଜିଲ୍ଲାପାଳ ଶୁଭମ୍ ଶତପଥୀ, ସୁମନ୍ତ ଜଗଦଳାଆୟ ରାୟ, ପିତବାସ ସତପଥୀ, ପ୍ରଭାସ ଦାସ, ଲଳିତ କର ଓ ସାମ୍ବାଦିକମାନଙ୍କ ମଧ୍ୟରେ ରବୀନ୍ଦ୍ର ହୋତା, କିଶୋର ହୋତା, ଶତ୍ରୁଘ୍ନ ମେହେର, ସ୍ୱୟମ୍ଭୁ ନାଥ ଖଣ୍ଡଗିରି, ଯୁଗଳଶୋର ମିଶ୍ର , ରାଧାକାନ୍ତ ବାଗ, ସୌମିତ୍ରି ମେହେର, ସତ୍ୟବ୍ରତ ପଣ୍ଡା, ଶେଷଦେବ ବାରିକ, ସତ୍ୟବାନ ପୁରୋହିତ ଉପସ୍ଥିତ ଥିଲେ ।



## ମା' ମାହେଶ୍ୱରୀ ମହୋତ୍ସବ ଉଦ୍‌ଯାପିତ

ବୌଦ୍ଧ,୧୮ ।୩(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ଅଧୀନ ଖମନମୁଣ୍ଡା ମାହେଶ୍ୱରୀ ପୀଠରେ ଡୁମାଲ ସମାଜ ମସିଣାଗୋରା କେନ୍ଦ୍ର ଦ୍ୱାରା ଆୟୋଜିତ ୩ୟ ମା ମାହେଶ୍ୱରୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଦୀର୍ଘ ୪ ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ରାଜ୍ୟ ତଥା ରଜ୍ୟ ବହାରର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷଦିନ ଅଷ୍ଟପ୍ରହରୀ ନାମ ଯଜ୍ଞ ହୋଇଥିଲା । ଏହି ମହୋତ୍ସବରେ ମା' ମାହେଶ୍ୱରୀ ସେନା ଓ ଡୁମାଲ ସମାଜ ମସିଣାଗୋରା କେନ୍ଦ୍ରର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ ।

## ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଦ୍ରୌପଦୀ

ବୌଦ୍ଧ,୧୮ ।୩(ସମିସ): ସରକାର ସାମାଜିକ ସୁରକ୍ଷା ଯୋଜନାରେ ବୃଦ୍ଧବୃଦ୍ଧାମାନଙ୍କୁ ଭତ୍ତା ଯୋଗାଇ ଦେବା ପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ କିଛି ଅସାଧୁ କର୍ମଚାରୀଙ୍କ ଅବହେଳା ଯୋଗୁଁ ଆଜିବି କିଛି ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ଥିବା ଦେଖିବାକୁ ମିଳିଛି । ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ବରଗାଁ ପଞ୍ଚାୟତ ବାଞ୍ଜିମୁଣ୍ଡା ଗାଁରେ । ଏହି ଗ୍ରାମର ଦ୍ରୌପଦୀ ରଣା (୬୨) ଏକ ବର୍ଷ ହେଲା ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଛନ୍ତି । ଏନେଇ ଦ୍ରୌପଦୀ ଅନେକ ଥର ଅଧିକାରୀଙ୍କୁ ଗୁହାରି କଲେ ମଧ୍ୟ କେହି ତାଙ୍କ କଥାକୁ ଶୁଣୁ ନ ଥିବା କହିଛନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଖୁବ୍‌ଶୀଘ୍ର ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି ।



## ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା ଶୁଭାରମ୍ଭ




ତରଭା,୧୮ ।୩(ସମିସ): ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ମାଧ୍ୟମରେ ମଙ୍ଗଳବାର ସନ୍ଧ୍ୟାରେ ସୁବର୍ଣ୍ଣପୁର ସଂସ୍କୃତି ଭବନରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଜିଲ୍ଲାର ୭୪ ଜଣ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ଯାତ୍ରା କରିଛନ୍ତି । ଓଡ଼ିଶା ରାଜ୍ୟ ପରିବହନ ନିଗମର ଦୁଇଟି ଶୀତତାପ ନିୟନ୍ତ୍ରିତ ବସ୍‌କୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଞ୍ଜଳୀନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ ସୌମ୍ୟାରୂପା ରଥ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରାଜେଶ କୁମାର, ଜିଲ୍ଲା ସାଧାରଣ ପରିଚାଳକ, ଓଡ଼ିଶା ରାଜ୍ୟ ପରିବହନ ନିଗମଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା । ଏହି ତୀର୍ଥ ଯାତ୍ରାରେ ୬ ଜଣ ସୁରକ୍ଷାଦାତାଙ୍କ ଯେଉଁଥିରେ ୨ ଜଣ ଚିକିତ୍ସା ଅଧିକାରୀ ମଧ୍ୟ ଅନ୍ତର୍ଭୁକ୍ତ, ୨ଟି ବସ୍‌ରେ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ପୁରୀ ଜିଲ୍ଲା ପ୍ରଶାସନ ଏବଂ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ସହଯୋଗରେ ସେମାନେ ବୁଧବାର ଶ୍ରୀ ଜଗନ୍ନାଥ ଦର୍ଶନ ସାରି ସନ୍ଧ୍ୟାରେ ପୁନର୍ବାର ସୁବର୍ଣ୍ଣପୁର ଫେରିବେ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ତୀର୍ଥ ଯାତ୍ରୀଙ୍କ ସୁରକ୍ଷା ପାଇଁ ପ୍ରୟୋଜନୀୟ ବ୍ୟବସ୍ଥା କରାଯାଇଛି ଏବଂ ପ୍ରତ୍ୟାବର୍ତ୍ତନ ପରେ ସେମାନଙ୍କୁ ସୁରକ୍ଷିତ ଭାବେ ଗ୍ରାମକୁ ପହଞ୍ଚାଯିବାର ସୁବ୍ୟବସ୍ଥା ଜିଲ୍ଲା ପ୍ରଶାସନ ଦ୍ୱାରା କରାଯାଇଥିବାର ପର୍ଯ୍ୟଟନ ଅଧିକାରୀ ପ୍ରକାଶ କରିଛନ୍ତି ।

## ଛାତ୍ରଛାତ୍ରୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା




ମନମୁଣ୍ଡା,୧୮ ।୩(ସମିସ):ବୁଧବାର ପିଏମ ଶ୍ରୀସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ,ଦହ୍ୟାର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଜାତୀୟରାଜପଥ ୫୭ ରେ ଏକ ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ମନମୁଣ୍ଡା ଥାନା ଆଇଆଇସି ସସ୍ମିତା ମଗର ଯୋଗଦେଇ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟର ସଚେତନତା ପ୍ରୟାସକୁ ପ୍ରଶଂସା କରିଥିଲେ । ଗଣିତ ଓ ବିଜ୍ଞାନ ସର୍କଲରେ କୃତିତ୍ୱ ହାସଲ କରିଥିବା ଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ । ଏଥିରେ ସ୍ଥାନୀୟ ସରପଞ୍ଚ ବିଭୁତିଭୂଷଣ ଡାଙ୍ଗ, ଅବସରପ୍ରାପ୍ତଶିକ୍ଷକ ପରମେଶ୍ୱର ମେହେର ଓ ଖଗେଶ୍ୱର ସାହୁ ଯୋଗଦେଇଥିଲେ । ହେମକାନ୍ତ ମେହେର ମଞ୍ଚ ପରିଚାଳନା କରିବା ସହ ଅଶେଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟସ୍ତରୀୟ ଜେ.ଆର.ସି. ପରାମର୍ଶଦାତା ତାଲିମ ଶିବିର ଉଦ୍‌ଯାପିତ

ବୀରମହାରାଜପୁର,୧୮ ।୩(ସମିସ)




ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ଧର୍ମଶାଳା ଉଚ୍ଚବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଜୁନିଅର ରେଡ୍‌କ୍ରସ ପରାମର୍ଶଦାତା ତାଲିମ ଶିବିର ଉଦ୍‌ଯାପିତ ହୋଇଛି । ଧର୍ମଶାଳା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପର୍ଶୁରାମ ମେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁର ଜୁନିଅର ରେଡ୍‌କ୍ରସର ସଭାପତି ତଥା ଜିଲ୍ଲା ଶିକ୍ଷାଧିକାରୀ ମୀନାରାଣି ମଙ୍ଗଳ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜେ.ଆର.ସି. ଓ. ରବିଚନ୍ଦ୍ର ପଶାୟତ ଜେ. ଆର. ସି. ର ମୂଳମନ୍ତ୍ରରେ ଦୀକ୍ଷିତ ହୋଇ ସେବା ମନୋଭାବ ପ୍ରଦର୍ଶନ ପୂର୍ବକ ମାନବକଲ୍ୟାଣ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ । ବରିଷ୍ଠ ସାଧନକର୍ମୀ ଚନ୍ଦ୍ରମଣି ବାଘ, ଯୁଥ୍ ରେଡକ୍ରସର ଅଧାପକ ଉଦ୍ଧବ ପଧାନ ମତାମତ ପ୍ରଦାନ କରିଥିଲେ । ଏହି ତିନିଦିନିଆ ଶିବିରରେ ଜିଲ୍ଲାର ୬ ଟି ବ୍ଲକରୁ ୬୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ରେଡକ୍ରସର ଇତିହାସ, ସପ୍ତନିତୀ, ବିଭିନ୍ନ ସଂକେତ ଓ ସେ ସବୁର ଅର୍ଥ, ବିଦ୍ୟାଳୟ ସୁରକ୍ଷା, ସାଇବର ସୁରକ୍ଷା, ପ୍ରାଥମିକ ଚିକିତ୍ସା, ରକ୍ତଦାନର ମହତ୍ୱ, ବିପର୍ଯ୍ୟୟ ପରିଚାଳନା, ଫାୟାର ଫାଇଟିଙ୍ଗ ଆଦି ବିଷୟ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଘନଶ୍ୟାମ ମେହେର, ଗୋଷ୍ଠୀ ଶିକ୍ଷାଧିକାରୀ ଉଲୁଣ୍ଡା ଅଜୟ କୁମାର ଲୁହା, ସୁବର୍ଣ୍ଣପୁର ଜେଆରସିର ଉପ ସଭାପତି ଗତିକୃଷ୍ଣ ମିଶ୍ର, ପୂର୍ବତନ ଜେଆରସିଓ ସୁରେଶ ପଧାନ ଅତିଥି ଭାବେ ଯୋଗଦାନ କରି ପ୍ରଶିକ୍ଷାର୍ଥୀଙ୍କୁ ପ୍ରେରଣା ପ୍ରଦାନ କରିଥିଲେ ।

ସାଧନ କର୍ମୀ ଭାବେ ଅଧାପକ ଉମାକାନ୍ତ ନାଗ, ଆଶିଷ ଅଗ୍ରୱାଲ, ବରଗଡ଼ରୁ ଆସିଥିବା ସାଧନକର୍ମୀ ଧର୍ମରାଜ ପଧାନ, ଚନ୍ଦ୍ରମଣି ବାଘ, ହୃଷିକେଶ ଡାଙ୍ଗ, ଚନ୍ଦ୍ରଶେଖର ମହାପାତ୍ର, ଅନୁପ୍ରିୟା ମିଶ୍ର, ଚକାନୟନ ମେହେର, ଯୁବ ସାଧନ କର୍ମୀ ହୃଷିକେଶ ଚାନ୍ଦ, ମୁନୁ ସାହୁ, ଜଗଦୀଶ ଦାସ, ହୃଷିକେଶ ଦେହୁରୀ, ବିସିସି ବୈକୁଣ୍ଠ ନାୟକ, ନିମାଇଁ ମଲ୍ଲିକ, ପବିତ୍ର ବାରିକ, ବିଜୟ କୁମାର ପଣ୍ଡା, ବିଶ୍ୱନାଥ ପାଣିଗ୍ରାହୀ ଓ ଶତ୍ରୁଘ୍ନ କର୍ମୀ ପ୍ରମୁଖ ଯୋଗଦାନ କରିଥିଲେ ।

## ଅସାଧୁ ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ଖୁଚୁରା ଅଭାବ

ମ.ରାମପୁର, ୧୮ ।୩(ସମିସ): କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ସଦର ମହକୁମା ଠାରେ ଅବସ୍ଥାପିତ ଏସବିଆଇ କିଛି ଅସାଧୁ କର୍ମଚାରୀଙ୍କ ପାଇଁ ଅଞ୍ଚଳରେ ଖୁଚୁରା ଟଙ୍କାର ଅଭାବ ଦେଖାଯାଇଥିବା ମ.ରାମପୁର ବ୍ୟବସାୟୀ ସଂଘ ଅଭିଯୋଗ କରିଛି । ବ୍ୟାଙ୍କକୁ କୋଟି କୋଟି ଖୁଚୁରା ଟଙ୍କା ଆସୁଥିବା ବେଳେ କୁଆଡେ ଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି । ମ.ରାମପୁର ସହର ତଥା ଯୋରା ଢୁବ୍ରା, ମଦନପୁର ଅଞ୍ଚଳର ଔଷଧ, କିରାନା, ହାର୍ଡ ୱେର, ପାନ ଦୋକାନ, ହୋଟେଲ, ମଦ ଦୋକାନକୁ ଖୁଚୁରା ଟଙ୍କାର ଆବଶ୍ୟକତା ବହୁତ ଥାଏ । କିନ୍ତୁ ନୂଆ ଦଶ ଟଙ୍କିଆ ଓ କୋଡିଏ ଟଙ୍କା ନୋଟକୁ କିଛି ଦଲାଲଙ୍କ ଜରିଆରେ ରାଇପୁର ପଠା ହେଉଥିବା ଅଭିଯୋଗ କରିଛନ୍ତି । ରାଇପୁରରେ ନୂଆ ଦଶ ଟଙ୍କିଆ ନୋଟ ଦେଲେ ୨୫ ପ୍ରତିଶତ ଓ ନୂଆ କୋଡିଏ ଟଙ୍କିଆ ନୋଟ ଦେଲେ ୧୦ପ୍ରତିଶତ କମିଶନ ମିଳିଥାଏ । ଏନେଇ ବ୍ୟବସାୟୀ ସଂଘର ସମ୍ପାଦକ ପ୍ରଶାନ୍ତ ସାମନ୍ତରାଙ୍କୁ ପଚାରିବାରୁ ବର୍ତ୍ତମାନ ବ୍ୟାଙ୍କରେ ଅବସ୍ଥାପିତ ପରିଚଳକ କିଛି ଲୋକଙ୍କୁ ହାତରେ ରଖି ନିଜ ମନ ମୁତାବକ କାମ କରୁଥିବା ମ.ରାମପୁର ଅଞ୍ଚଳର ବ୍ୟବସାୟୀ, ଜନପ୍ରତିନିଧି, ସାଧାରଣଜନତା ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରୁଛନ୍ତି ।ଏନେଇ ବ୍ୟାଙ୍କ ପରିଚାଳକ ମନିଷ ମିଶ୍ରଙ୍କୁ ପଚାରିବାରୁ କିଛି ଲୋକ ଟାଉଟର କରୁଛନ୍ତି ବୋଲି କହିଥିଲେ ।ବ୍ୟାଙ୍କରୁ ତୁରନ୍ତ ପୁରୁଣା କର୍ମଚାରୀଙ୍କୁ ବଦଳି କରିବା ପାଇଁ ବ୍ୟବସାୟୀ ସଂଘ ଦାବି କରିଛି ।

## କେନାଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

କୋକସରା,୧୮ ।୩(ସମିସ):କୋକସରା ବ୍ଲକ ଲଡୁଗାଁ ମୁଟୁରାବାହିଲିଛକ ଇନ୍ଦ୍ରାବତୀ ଉଠାଜଳସେଚନ କେନାଲରୁ ବୁଧବାର ଜଣେ ବୃଦ୍ଧଙ୍କ ମୃତଦେହ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି । ମୃତ ବୃଦ୍ଧ ଲଡୁଗାଁ ଗ୍ରାମର ଗବ୍ର ରାଉତ (୭୬) ବୋଲି ଜଣାପଡ଼ିଛି ।

ସୂଚନା ଅନୁସାରେ, ସୋମବାର ଠାରୁ ବୃଦ୍ଧ ଗବ୍ର ନିଖୋଜ ଥିବାବେଳେ ମୁଟୁରାବାହିଲି ଛକ ଇନ୍ଦ୍ରାବତୀ ଉଠାଜଳସେଚନ କେନାଲରୁ ଆଜି ତାଙ୍କର ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ଖବର ପାଇ କୋକସରା ଥାନା ପୁଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଥିଲେ । ଅଗ୍ନିଶମ ବିଭାଗର ଓଆସି ପ୍ରଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ କର୍ମଚାରୀମାନେ କେନାଲ ପାଣିରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କରିଥିଲେ । ପୋଲିସ ଶବ ଜବତ କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି ।

ଏନେଇ କୋକସରା ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରଖିଥିବା ଥାନା ପକ୍ଷରୁ ସୂଚନା ମିଳିଛି । ପ୍ରକାଶ ଯେ' ଗତ କିଛିଦିନ ମଧ୍ୟରେ କୋକସରା ଥାନା ଅନ୍ତର୍ଗତ ଇନ୍ଦ୍ରାବତୀ ଉଠାଜଳସେଚନ କେନାଲରୁ ପାଞ୍ଚଟି ଘଟଣା ଘଟିଥିବା ବେଳେ ସେଥି ମଧ୍ୟରୁ ୪ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି ଓ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିବା ସୂଚନା ରହିଛି । ପ୍ରଶାସନ ପକ୍ଷରୁ ଜନ ସଚେତନତା କରାଇବା ଆବଶ୍ୟକ ରହିଥିବା ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## କିଡ୍‌ନୀ ରୋଗ କବଳରେ ମହଗାଁ

# ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ, ୬ ମୃତ








ସିନାପାଲି, ୧୮ ।୩(ସମିସ)

ଜଳର ଅନ୍ୟ ନାମ ଜୀବନ । ଏହି ଜଳ ମଧ୍ୟରୁ ଜୀବଜଗତରସୃଷ୍ଟି ।କିନ୍ତୁକିଏକାହିଁକିଜାଣିବ ସେହି ଅମୃତସମ ଜଳ ରାଶି କାହାକୁ ମୃତ୍ୟୁକୁ ଡାକି ଆଣେ । ଏହିପରି ଏକ ଗାଁ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଡାଳ ପଞ୍ଚାୟତ ମହଗାଁର ଅଧିକାଂଶ ଲୋକ କିଡ୍‌ନୀ ରୋଗ କବଳରେ ।ଦୂଷିତ ଜଳ ପାନ କରି ଗ୍ରାମର ଅନେକଲୋକ କିଡନୀ ରୋଗରେ ପୀଡିତ ହୋଇ ୨୦ଊର୍ଦ୍ଧ୍ୱ ଲୋକ ମୃତ୍ୟୁସହ ସଂଗ୍ରାମ କରୁଥିବା ବେଳେ ଗତ ଦୁଇ ବର୍ଷ ମଧ୍ୟରେ ୬ରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଛନ୍ତି । ଏହି ଗାଁ ଟି ସିନାପାଲି ସଦର ମହକୁମା ଠାରୁ ୪ କିଲୋମିଟର ଦୂରରେ ଅବସ୍ଥିତ ଥିବା ବେଳେ ଛୋଟ ପାହାଡ ତଳେ ଗାଁ ରହିଛି । ଗ୍ରାମର ଜନସଂଖ୍ୟା ୧୫ ଶହ ହୋଇଥିବା ବେଳେ ଅନେକ ଜାତିରଲୋକ ବାସକରନ୍ତି । ଗାଁର ଅନେକ ଲୋକ ଗରିବ ଶ୍ରେଣୀର ହୋଇଥିବା ବେଳେ ଆଜି ବି ଦାରିଦ୍ର୍ୟ ସୀମାରେଖା ତଳେ ରହି ଜୀବନ ଅତିବାହିତ କରୁଛନ୍ତି । ଏବେ ଗାଁର ମୁଖ୍ୟ ସମସ୍ୟା ହେଉଛି କିଡ୍‌ନୀ ରୋଗରେ ପଡ଼ି ଅକାଳରେ ଜୀବନ ଝରି ପଡୁଛି । ଯାହା ଗାଁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି । ଦୁଇ ୱାର୍ଡ ବିଶିଷ୍ଟ ଏହି ଗାଁରେ ଘରେ ଘରେ କିଡ୍‌ନୀ ରୋଗରେ ପୀଡ଼ିତ ଥିବା ବେଳେ ଅନେକ ଚିକିତ୍ସିତ ହେଉଛନ୍ତି । ହେଲେ କିଡନୀ ରୋଗରୁ ମୁକୁଳି ପାରିନାହାନ୍ତି । ଯାହା ଫଳରେ ଗାଁକୁ କରି ଦେଇଛି ଅଭିଶପ୍ତ ।ଗ୍ରାମବାସୀଙ୍କ କହିବା ଅନୁସାରେ ଏଠିକାର ନଳକୂଅ ଜଳ ପାଇଁ କିଡନୀ ରୋଗ ବ୍ୟାପୁଥିବା ବେଳେ ଏବେ କିନ୍ତୁ ବର୍ଷେ ହେଉଛି ଜଳ ଯୋଗାଣ ପ୍ରକଳ୍ପରୁ ଜଳ ଯୋଗାଣ ହେଉଛି । ତାହା ପୁଣି କେବେ କେବେ ବନ୍ଦ ରହୁଛି । ଏପରିକି ଗାଁର ଅର୍ଦ୍ଧେକପଡ଼ାକୁ ଜଳ ଯୋଗାଣ ସ୍ୱାଭାବିକ କରି ପାରୁନି ପ୍ରଶାସନ । ଏ ସମସ୍ୟାକୁ ନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷକୁ ଜଣାଇଲେ ମଧ୍ୟ ସୁଫଳ ମିଳୁନାହିଁ । ଯାହା ଫଳରେ ବାଧ୍ୟ ହୋଇ ନଳ କୂଅର ବିଷାକ୍ତ ପାଣି ପିଇବାକୁ ବାଧ୍ୟ ହେଉଥିବା ପ୍ରକାଶ କରିଛନ୍ତି । ଏହି ଗାଁର ପୋଖରୀ ହେଉ କି ନଳକୂପ ହେଉ ସବୁଠି ବିଷାକ୍ତ ପାଣି ରହୁଥିବାରୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେଇ ସ୍ଥାୟି ପ୍ରତିକାର ପାଇଁ ନିବେଦନ କରିଛନ୍ତି । ଗାଁର ଅନେକ ଲୋକ ଆକ୍ରାନ୍ତ ହୋଇ ରାୟପୁର, ବିଶାଖାପାଟଣା, ଭୁବନେଶ୍ୱର, କଟକ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ବାରମ୍ବାର ଚିକିତ୍ସିତ ହେଉଥିଲେ ମଧ୍ୟ ରୋଗ କମିବା ପରିବର୍ତ୍ତେ

**ପ୍ରଶାସନ ବେଫିକର, ଅକାଳରେ ଝରି ପଡୁଛି ଜୀବନ**

ବଢ଼ିବାରେ ଲାଗିଛି । ଏପରିକି ଆଉ କିଛି ଲୋକ ଚେରମୁଳି ଔଷଧ ସେବନ କରୁଥିବା ଜଣାପଡ଼ିଛି । କିଡ୍‌ନୀ ରୋଗ ଗାଁକୁ କବଳିତ କରିଛି । ଗାଁର ଧନ ସିଂ ନାଏକ, ଗୌରୀ ଶଙ୍କର ନାଏକ, ଉପ ସା, ବୁଦ୍ଧୁ ମାଝି, ସନ୍ତୋଷ ତାଣ୍ଡି, ଥବିର ସା, ସୁନ୍ଦରଲାଲ ତାଣ୍ଡି, ଦଶରେ ନାଏକ, ଗୌତମ ବୈଠାରୁ, ଖିରତି ସା, ରାଜୀବ ସା, ରମେଶ ସା, ଜଗଦୀଶ ସା, ଉମାକାନ୍ତ ନାଏକ, ରାଜାରାମ ତାଣ୍ଡି, ଖିରସିନ୍ଧୁ ତାଣ୍ଡି ସମେତ ଅନେକ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ପ୍ରଶାସନ ତରଫରୁ ପ୍ରତିକାର ପାଇଁ କୌଣସି ଆବଶ୍ୟକ ଚିକିତ୍ସା ସୁବିଧା ନ କରି ବେଫିକର ରହି ବସିଛି ।କିଛି ଦିନ ତଳେ ଏକ କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାପାଳ ଏହି ଗାଁକୁ ଯାଇଥିବା ବେଳେ ଏଥିପ୍ରତି ଦୃଷ୍ଟି ଦେଇ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ସମ୍ପୃକ୍ତ ଗ୍ରାମରେ ଏକ କ୍ୟାମ୍ପ କରି ଆବଶ୍ୟକ ଚିକିତ୍ସା ଯୋଗାଇବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରୁଛନ୍ତି ଗ୍ରାମବାସୀ । ଏହି ରୋଗରେ ପୀଡିତ ହୋଇ ଦୁଇ ବର୍ଷ ମଧ୍ୟରେ ଗ୍ରାମର ନିଲାଞ୍ଚଳ ନାଏକ, ରାମେଶ୍ୱର ନାଏକ, ଭୁବନ ରାଉତ, ସୁନ୍ଦର ତାଣ୍ଡି, ଛବି ସୁନାନୀ, ଗୋପାଳ ବୈଠାରୁ ସମେତ ଅନେକ ମୃତ୍ୟୁବରଣ କରିଛନ୍ତି । ଦିନ ଥିଲା ଏହି ଗାଁ ରେ ବାସୀ ମାଝି ଓ ନେପୁର ମାଝିଙ୍କ ଅନାହାର ମୃତ୍ୟୁ ପାଇଁ ସାରା ରାଜ୍ୟରେ ଚର୍ଚ୍ଚିତ ରହିଥିବା ବେଳେ ବର୍ତ୍ତମାନ କିଡ୍‌ନୀ ରୋଗ କବଳିତ ହୋଇ ରହିଛି । ଡାକ୍ତରୀ ସୂତ୍ର ରୁ ପ୍ରକାଶ ଯେ, ପାଣିରେ ଫ୍ଲୋରାଇଡ ପରିମାଣ ଲିଟର ପିଛା ୦.୫ମିଲି ଗ୍ରାମ ରୁ ୧.୦ମିଲି ଗ୍ରାମ ପର୍ଯ୍ୟନ୍ତ ମାନବ ଶରୀର ରେ ଗ୍ରହଣୀୟ । ଏହାର ପରିମାଣ ଲିଟର ପ୍ରତି ୧.୫ମିଲି ଗ୍ରାମରୁ ଅଧିକ ହେଲେ ଏହା ମାନବ ଶରୀର ପାଇଁ ବିଶେଷ କ୍ଷତି ଘଟାଇଥାଏ ବୋଲି ଡାକ୍ତରଙ୍କ ସୂତ୍ର ରୁ ଜଣାପଡେ । ପୂର୍ବରୁ ଜଳ ଉତ୍ସ ଗୁଡ଼ିକୁ ନମୁନା ସଂଗ୍ରହ କରି ସର୍ବେକ୍ଷଣ କରାଯାଇଥିଲା । ଏଥିରେ ଗାଁର ଜଳ ଉତ୍ସ ଗୁଡିକରେ ଲିଟର ପ୍ରତି ୨.୦ମିଲି ଗ୍ରାମରୁ ଅଧିକ ମାତ୍ରାରେ ଫ୍ଲୋରାଇଡ ଥିବା ଜଣାପଡ଼ିଥିଲା । ପ୍ରକାଶ ଥାଉ କି, ଜଳରେ ଅଧିକ ମାତ୍ରାରେ ଫ୍ଲୋରାଇଡ ରହିଲେ ଏହାର ପ୍ରଭାବରେ ସ୍ନାୟବିକ ସିଥିଳତା, ସ୍ମରଣ ଶକ୍ତି ହ୍ରାସ, ଦନ୍ତ କର୍କଟ, ପେଟ ରୋଗ ସମେତ କିଡନୀ ଭଳି ରୋଗ ଦେଖା ଦେଇଥାଏ ବୋଲି ବିଶେଷଜ୍ଞଙ୍କ ସୂତ୍ରରୁ ଜଣାପଡେ । ପ୍ରଶାସନ ତରଫରୁ କିଭଳି ପଦକ୍ଷେପ ନେଇ କିଡନୀ ରୋଗକୁ ପ୍ରତିହତ କରୁଛନ୍ତି ତାକୁ ନେଇ ଗ୍ରାମବାସୀ ଅପେକ୍ଷା କରିଛନ୍ତି ।

## କାଳବୈଶାଖୀ ତାଣ୍ଡବ

## ବର୍ଷା ସହ କୁଆପଥର ମାଡ଼

କୋକସରା, ୧୮ ।୩(ସମିସ) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ଲଡୁଗାଁ, ବରାଡୋଙ୍ଗା, ଆମପାଣି ପଞ୍ଚାୟତ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ କୁଆ ପଥର ବର୍ଷା ହୋଇଛି । ରାସ୍ତାରେ ୪/୫ ଇଞ୍ଚର କୁଆପଥର ଆସ୍ତରଣ ଦେଖିବାକୁ ମିଳିଥିଲା । ବରାଡୋଙ୍ଗା ପଞ୍ଚାୟତ ଶିଉନି ଗାଁରେ ରାସ୍ତାରେ କୁଆପଥରର ଆସ୍ତରଣରେ ଧଳାଚାଦର ସଦୃଶ୍ୟ ଦୃଶ୍ୟ ଦେଖିବାକୁ ମିଳିଥିଲା । କିଛି ସମୟ ଧରି ପବନ ସହ କୁଆ ପଥର ବର୍ଷାରେ ଲୋକେ ଭୟଭୀତ ହୋଇ ପଡ଼ିଥିଲେ । ଜାତୀୟ ରାଜପଥରେ କୁଆ ପଥର ବର୍ଷା ଯୋଗୁଁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଅନ୍ୟପଟେ ଡାଲି ଜାତୀୟ ଫସଲ ମୁଗ, ବିରି, ସୂର୍ଯ୍ୟମୁଖୀ ଫସଲ ଓ ଚାଷୀଙ୍କ ପନିପରିବା ବ୍ୟାପକ ଭାବେ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି । କୋକସରା ବ୍ଲକ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଝଡ଼ ବର୍ଷା ସହ ପ୍ରବଳ କୁଆ ପଥର ମାଡ଼ ଲୋକଙ୍କ ମନରେ ଭୟ ସଞ୍ଚାର କରିଛି । ଏଭଳି କୁଆ ପଥର ବର୍ଷା ବିଗତ ୨୦ ବର୍ଷ ମଧ୍ୟରେ ହୋଇ ନଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି ।



## ବିପୁଳ ମଦ ଜବତ; ଜଣେ ଗିରଫ

ଧର୍ମଗଡ଼, ୧୮ ।୩(ସମିସ): ଧର୍ମଗଡ଼ ଅବକାରୀ ପୁଲିସ ବେଆଇନ ବିଦେଶୀ ମଦ କୋଠିରେ ଚଢ଼ଉ କରିବିପୁଳ ମଦ ଜବତ କରିବା ସହ ଜଣେ ବେପାରୀକୁ ଗିରଫ କରିଛି । ଜିଲ୍ଲା ଅବକାରୀ ଅଧିକାରୀ ରଞ୍ଜନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ବୋରଗୁଡାସ୍ଥିତ ବେଆଇନ ବିଦେଶୀ ମଦ ଦୋକାନରେ ଅବକାରୀ ବିଭାଗ ଚଢ଼ଉ କରିଛି ।ଅଭିଯୁକ୍ତ ମଦ ବ୍ୟବସାୟୀ ଭବସିନ୍ଧୁ ସାହୁଙ୍କ ପୁଅ ଦୀପକ ସାହୁଙ୍କୁ ଗିରଫ କରିବା ସହ ରକଫୋର୍ଡ଼, ମ୍ୟାକଡୋଲ ନମ୍ବର ୧, ଆଇବି, ମାଇଲ ଷ୍ଟୋନ ସମେତ ବିଭିନ୍ନ ବ୍ରାଣ୍ଡର ୧୨୯. ୫୨୫ ଲିଟର ବିଦେଶୀ ମଦ ଓ ୧୭୭ ଲିଟର ବିୟର ଜବତ ହୋଇଥିଲା । ଏ ସଂକ୍ରାନ୍ତରେ ଅବକାରୀ ଥାନା କେଶ ନମ୍ବର ୨୩୩/୨୫/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦୀପକ ସାହୁକୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି । ଚଢ଼ଉରେ ଭବାନୀପାଟଣା ସଦର ଅବକାରୀ ଅଧିକାରୀ ହେମକାନ୍ତ ସୁନା, ଧର୍ମଗଡ଼ ଅବକାରୀ ପୁଲିସ ଅଧିକାରୀ ଅରୁଣ କୁମାର ଯୋଶୀ, ଧର୍ମଗଡ଼ ଓଆଇସି ପ୍ରତିମା ବେହେରା, ଜୁନାଗଡ଼ ଓଆଇସି ଲକ୍ଷ୍ମୀପ୍ରିୟା ମଲ୍ଲିକ ସମେତ ବିଭାଗର ବହୁ ଅଧିକାରୀ ସାମିଲ ହୋଇଥିଲେ ।




## ନିଯୁକ୍ତି ମେଳା ଶିବିର

ଧର୍ମଗଡ଼, ୧୮ ।୩(ସମିସ): କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ବ୍ଲକ ଅଧିନସ୍ଥ ସନ୍ଧିକୁଲିହାରୀ ଗ୍ରାମରେ ଆର୍‌ସିଡ଼ିସି ଓ ଶିଶୁ ବିକାଶ ପ୍ରକଳ୍ପ କଳାହାଣ୍ଡିଙ୍କ ଆନୁକୂଲ୍ୟରେ ନିଯୁକ୍ତି ମେଳା ଶିବିର ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ କଳାହାଣ୍ଡିଙ୍କ ପକ୍ଷରୁ ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ ଦୁର୍ଗାଚରଣ ଦାସ ଓ ମୁଖ୍ୟମନ୍ତ୍ରୀ ଫେଲୋଶିପ୍‌ର ପ୍ରତିନିଧି ପ୍ରିୟା ମ୍ୟାଡାମ୍ ଉପସ୍ଥିତ ଥିଲେ । ଏହାସହିତ ଡାଟା ପ୍ରୋ କମ୍ପୁଟର କର୍ମଚାରୀ, ବେଦାନ୍ତ ତାଲିମ କେନ୍ଦ୍ର, ଏମ୍‌ଏନ୍‌ଜି ଏକାଡେମୀ ଓ ଭବାନୀପାଟଣାର ସାହି ଏକ୍ସପୋର୍ଟ ପ୍ରାଇଭେଟ ଲିମିଟେଡ଼ର ପ୍ରତିନିଧିମାନେ ଯୋଗଦେଇଥିଲେ । ମେଳାରେ ଧର୍ମଗଡ଼ ବ୍ଲକର ବେହେରା ଓ ଟିପିଗୁଡା ଅଞ୍ଚଳରୁ ୧୫୦ରୁ ଅଧିକ ଯୁବକ-ଯୁବତୀ ଅଂଶଗ୍ରହଣ କରି ବିଭିନ୍ନ ନିଯୁକ୍ତି ସୁଯୋଗ ଓ ଦକ୍ଷତା ବିକାଶ ତାଲିମ ସମ୍ପର୍କରେ ଅବଗତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ପ୍ରାୟ ୧୧୫ ଜଣ ଡାଟା ଅପରେଟର, ସିଲେଇ ମେସିନ ଅପରେଟର ଓ କଲ ସେଣ୍ଟର ପରି ବିଭିନ୍ନ କୋର୍ସରେ ତାଲିମ ନେବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି ।କାର୍ଯ୍ୟକ୍ରମକୁ ଆର୍‌ସିଡ଼ିସି ପ୍ରୋଗ୍ରାମ ଅଫିସର ବିହାରୀ ରାଉତ ପରିଚାଳନା କରିଥିବା ବେଳେ ବିନୟ ରାଉତ, ରଶ୍ମିତା ବେହେରା, ସୀତାକାନ୍ତ ମାଝୀ, ଆଦିତ୍ୟ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।




## ବୁଦ୍ଧିକୋମନା କଲେଜରେ ପୁଷ୍ଟି ଶସ୍ୟ ଖାଦ୍ୟମେଳା

ନୂଆପଡ଼ା/କୋମନା, ୧୮ ।୩(ସମିସ): କୋମନା ବ୍ଲକ ପଞ୍ଚାୟତ ସମିତି କଲେଜ ବୁଦ୍ଧିକୋମନାରେ ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକ୍ରମ ଓ ସ୍ୱେଚ୍ଛାସେବୀ ସଂଗଠନ ସିପିଏସଡବ୍ଲୁ କେନ୍ଦୁଭଟାଙ୍କ ତତ୍ତ୍ୱାବଧାନରେ ପୁଷ୍ଟି ଶସ୍ୟ ଖାଦ୍ୟ ସମାରୋହ ମେଳା ଅନୁଷ୍ଠିତ ହୋଇଯାଇଛି । ମେଳାରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଦୀପିକା ଦୀପ ମେଳାକୁ ଉଦ୍‌ଘାଟନ କରିଥିଲେ । ଉକ୍ତ ପୁଷ୍ଟିଶସ୍ୟ ମେଳାରେ ବ୍ଲକ କୃଷି ଅଧିକାରୀ ପ୍ରଶାନ୍ତ କୁମାର ବାଗ ସ୍ୱେଚ୍ଛାସେବୀ ସଂଗଠନ ସିପିଏସଡ଼ବ୍ଲୁ କେନ୍ଦୁଭଟାର କାର୍ଯ୍ୟକାରୀ ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର, କଲେଜ ଅଧ୍ୟକ୍ଷ ସତୀ କାନ୍ତ ପଣ୍ଡାଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ ଉପସ୍ଥିତ ଥିଲେ । କୋମନାର ମା' ସଂତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କଲେଜର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ମୁଖ୍ୟଅତିଥି ଉଦବୋଧନ ଦେଇ ମିଲେଟ ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଶରୀର ସୁସ୍ଥ ରହେ । ମିଲେଟ ଜାତୀୟ ଖାଦ୍ୟକୁ ନିଜର ଦୈନନ୍ଦିନ ଜୀବନରେ ସାମିଲ କରିବାକୁ ପରାମର୍ଶ ସହ ଆଧୁନିକ ଫାଷ୍ଟଫୁଡ ଜାତୀୟ ଖାଦ୍ୟକୁ ବର୍ଜନ କରି ମିଲେଟ ଖାଦ୍ୟକୁ ଆପଣାଇବାକୁ ପରାମର୍ଶ ଦେଇଥିଲେ । ସଭା ଶେଷରେ ସିପିଏସଡ଼ବ୍ଲୁର ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ଶ୍ରୀଅନ୍ନ ଅଭିଯାନ ଓ ସ୍ୱେଚ୍ଛା ସେବୀ ସଂଗଠନର ବ୍ଲକ ସଂଯୋଜକ ଉଦେମଣି ନିଆଲ, ଗୌତମ ଦୂରିଆ, ଦିବାକର ଠେଲା, ଖେମ ସାଗର ଗହିର ପ୍ରମୁଖ ସହଯୋଗ କରିଥିଲେ ।



## ପ୍ରଶାସନ ସାଜିଛି ନିରବଦ୍ରଷ୍ଟା

# ସିଲେଟପଡ଼ା ରାସ୍ତା ମରଣଯନ୍ତା

ଭବାନୀପାଟଣା, ୧୮ ।୩(ସମିସ)

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ ସିଲେଟପଡ଼ାରୁ କୁସୁର୍ଲା ହରଗୋରି ମନ୍ଦିର ଛକ ୫୯ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ସିଲେଟପଡ଼ା ରାସ୍ତା ମରଣଯନ୍ତା ପାଲଟିଛି । ୨୦୧୫ ମସିହାରେ ପିଚୁ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ମରାମତି କାର୍ଯ୍ୟ କିମ୍ବା ନୂତନ କାର୍ଯ୍ୟ ହୋଇପାରି ନଥିବାରୁ ତିନି ବର୍ଷ ଧରି ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ଗତି କରୁଛି । ବର୍ଷା ମାସରେ ବର୍ଷା ଯୋଗୁଁ ବିପଦ ଅବସ୍ଥାରେ ରହିଛି । ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଛାତ୍ରଛାତ୍ରୀ ଏବଂ ଆଖ ପାଖ ଗାଁ ଲୋକେ ପ୍ରତି ଦିନ ଦୁର୍ଘଟଣା ଶିକାର ହେଉଛନ୍ତି । ଏନେଇ ସାମାଜିକ କର୍ମୀ ଚୈତନ୍ୟ ସାହୁ, ଦ୍ରୋଣ ସାହୁ, ଜିଲ୍ଲାପାଳ ଓ ବିଡ଼ିଓଙ୍କୁ ବାରମ୍ବାର ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କାମ ହୋଇନାହିଁ । ଗତ ଫେବୃଆରୀ ମାସରେ କାମ ଆରମ୍ଭ କରାଯିବ ବୋଲି ଜେଇ କହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାମ ଆରମ୍ଭ ହୋଇ ନାହିଁ । ମାର୍ଚ୍ଚ ମାସ ସାରିବାକୁ ବସିଲାଣି କିନ୍ତୁ କେବେ ହେବ କାମ ଆରମ୍ଭ ବୋଲି ସାମାଜିକ କର୍ମୀ ଚୈତନ୍ୟ ସାହୁ ଅଭିଯୋଗ କରିଛନ୍ତି । ସୂଚନା ମୁତାବକ ଗତ ୨୦୨୩ ମସିହା ଅଗଷ୍ଟ ମାସରେ ଜିଲ୍ଲା ପରିଷଦ ସୁରେଶ ଚୌଧୁରୀ ତତ୍କାଳିନ ୫-ଟି ସଚିବଙ୍କୁ ଲିଖିତ ଦାବିରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶକ୍ରମେ କେସିଙ୍ଗା ଆରଡ଼ି ଅଫିସର ଅଧିକ୍ଷଣ ଯନ୍ତ୍ରୀ ମୁଖ୍ୟଯନ୍ତ୍ରୀ ଭୁବନେ ଶବରଙ୍କୁ ଚିଠି ଲେଖି ରାସ୍ତା ମରାମତି ପାଇଁ ଏକ କୋଟି ଷାଠିଏ ଲକ୍ଷ ଟଙ୍କାର ଆବଶ୍ୟକତା ଥିବାର ଉଲେଖ କରିଥିଲେ । କିନ୍ତୁ ଆଜି ଯାଏ କୌଣସି କାର୍ଯ୍ୟ ହୋଇପାରୁନି । ତୁରନ୍ତ କାମ କରିବାକୁ ପ୍ରଶାସନକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।ରାସ୍ତା କାମ ଶୀଘ୍ର ନ ହେଲେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସାମାଜିକ କର୍ମୀ ଗୋପୀନାଥ ସାହୁ, ଚୈତନ୍ୟ ସାହୁ, ଦ୍ରୋଣ ସାହୁ, ନୀଳାମ୍ବର ସାହୁ, ଜନ୍ମ କମ୍ପ, ତରୁଣୀ ସାହୁ, ନୀଳାମ୍ବର ସାହୁ, ହୀରାମଣି ସାହୁ ଓ ଗଜାନନ ଯୁବକ ସଂଘର ସମ୍ପାଦକ ତଥା ସମାଜ ସେବୀ ଅଶୋକ ସାହୁ, ତପିନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି ।ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବ ବୋଲି ଚେତାବନୀ ଦେଇଛନ୍ତି ।



## ସଜନା ଛୁଇଁର ଅଭାବୀ ବିକ୍ରି

## ଗଛରେ ନଷ୍ଟ ହେଉଛି କୁଇଣ୍ଟାଲ କୁଇଣ୍ଟାଲ ଛୁଇଁ

ଜୟପାଟଣା, ୧୮ ।୩(ସମିସ): ଦିନଥିଲା କଳାହାଣ୍ଡି ଜିଲ୍ଲା ଜୟପାଟଣା ଅଞ୍ଚଳରେ ସଜନା ଛୁଇଁର ଚାହିଦା ଆକାଶଛୁଆଁ ଥିଲା । ବିନା ସାର ଓ କୀଟନାଶକରେ ଫଳୁଥିବା ଏହି ଭିଟାମିନଯୁକ୍ତ ପରିବାକୁ ପାଇବା ପାଇଁ ଗ୍ରାହକ ପାଗଳ ହେଉଥିଲେ । ସିଜନର ପ୍ରଥମ ସମୟରେ ଏହା କିଲୋ ପ୍ରତି ୨୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ବେପାରୀମାନେ ଗାଁଗାଁ ବୁଲି ଛୁଇଁ ଆଗୁଆ ନେବାକୁ ଅଗ୍ରୀମ ଟଙ୍କା ଦେଉଥିଲେ । କିନ୍ତୁ ଆଜି ସଜନା ଚାଷୀଙ୍କ ପାଇଁ ସ୍ଥିତି ସମ୍ପୂର୍ଣ୍ଣ ଓଲଟା । ବର୍ତ୍ତମାନ ୫ ଟଙ୍କା କିଲୋରେ ମଧ୍ୟ ଏହାକୁ କେହି ପଚାରୁନାହାନ୍ତି । ଯାହାଫଳରେ ଚାଷୀକୁଳ ଆଜି ଘୋର କ୍ଷତି ସହୁଛନ୍ତି । ଅଞ୍ଚଳର ଗାଁରେ ଏବେ ଶତାଧିକ ସଜନା ଗଛ ରହିଛି । ଚାଷୀମାନେ ଲାଭ ଆଶାରେ ବ୍ୟାପକ ଚାଷ କରିଥିଲେ ମଧ୍ୟ ଏବେ ବାହାରେ ଏହାର ଚାହିଦା କମିଯାଇଛି । କୁଇଣ୍ଟାଲ କୁଇଣ୍ଟାଲ ସଜନା ଛୁଇଁ ଏବେ ଗଛରେ ରହି ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି । ସ୍ଥାନୀୟ ଲୋକଙ୍କ କହିବାଅନୁସାରେ, ପ୍ରଚୁର ପରିମାଣରେ ଛୁଇଁ ମିଳୁଥିବାରୁ ଏହାର ଆଦର କମିଯାଇଛି । ଯେଉଁ ବେପାରୀମାନେ ପୂର୍ବରୁ ଗଛ ପିଛା ୩୦ ରୁ ୪୦ ଟଙ୍କା ଦେଇ ନେଉଥିଲେ । ସେମାନେ ଏବେ ମୁହଁ ମୋଡ଼ି ନେଇଛନ୍ତି ।ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଅଞ୍ଚଳରେ ଏକ ଶୀତଳ ଭଣ୍ଡାରର ସୁବିଧା ଥିଲେ ଏହି ସମସ୍ୟାର ସମାଧାନ ହୋଇପାରନ୍ତା । ଛୁଇଁକୁ ସଂରକ୍ଷିତ ରଖିପାରିଲେ ଚାଷୀ ସିଜନ ସମୟରେ ଉଚିତ ମୂଲ୍ୟ ପାଇବା ସହ ଖାଉଟିମାନେ ମଧ୍ୟ ବର୍ଷସାରା କମ ଦାମରେ ସତେଜ ପରିବା ପାଇପାରନ୍ତେ । ଦୁଃଖର ବିଷୟ, ଜିଲ୍ଲା ଉଦ୍ୟାନ ବିଭାଗ ଏ ନେଇ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁନାହିଁ । ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ ଏହି ସଜନା ଛୁଇଁ ଚାଷକୁ ବଞ୍ଚାଇବା ପାଇଁ ସରକାର ତୁରନ୍ତ ହସ୍ତକ୍ଷେପ କରିବା ଜରୁରୀ । ସଂରକ୍ଷଣ ପାଇଁ ବ୍ୟବସ୍ଥା ସହ ଚାଷୀଙ୍କୁ ଉଚିତ ବଜାର ଯୋଗାଇ ଦେବାକୁ ଜୟପାଟଣା ଅଞ୍ଚଳବାସୀ ଦାବି କରିଛନ୍ତି ।



